# ବାୟସ

ରଙ୍ଗୀନ ପରଦା ଫାଙ୍କେ ରୁଦ୍ଧ ବାତାୟନେ
କାଆ କାଆ ରାବ କରି କରି
ଭାଙ୍ଗେ ଯିଏ ମୋ ଗଭୀର ନିଦ୍ରା ସୁପ୍ରଭାତେ
ସ୍ୱୀୟ ଜୀବନ ଦର୍ଶନ ବୋଲି

ସଅଳ ସକାଳୁ ତୋର କର୍କଶିଆ ଡାକ
ଦିଏ ମନେ ସଂଗ୍ରାମେ ଆହ୍ୱାନ
କାଆ କାଆ ଶବ୍ଦ ନୁହେଁ ସେଟା ସତେ
ସେ ଯେ ଦୁନ୍ଦୁଭି ଜୈତ୍ର ଗାନ

କର୍କଶିଆ ଡ଼ାକେ ବହି ଗୀତ ତୁ ନ ବୋଲି
କିସ ଭାବୁ ତୋ ହୃଦୟ ପର୍ଣ୍ଣେ
ବିଳାସ ବ୍ୟସନ ପୂର୍ଣ୍ଣ ମାନବ ଜୀବନ
କେତେବେଳେ ସରିଯିବ ଦିନେ

ମୋ ଜୀବନ ଯଉବନ କେତେ ଯେ ପଙ୍କିଳ
ତୋ ପରାଣ ସରଗ ସମାନ
ମୁଁ ଖୋଳଇ ମୋ ନିଜର କବର ସର୍ବଦା
ପ୍ରିୟ ପାଇଁ ତୁ ଲହୁ ଲୁହାଣ

ଦେଖିଛି ମୁଁ ବିଧି ବସେ  ଦିନେ ନିକାଞ୍ଚନେ
ପ୍ରିୟ ତୋର ଶକ୍ତି ଘାତେ ମଲା
ଐକ୍ୟ ଭାବ ସନ୍ଦର୍ଶାଇ ତୋ ମହାନ ଜାତି
ଡାକି ସର୍ବେ ଏକତ୍ରିତ କଲା

ଏକ ସ୍ୱରେ ଗାଇ ସର୍ବେ ବିଦାୟ ସଙ୍ଗୀତ
ସର୍ବେ କଲେ ଦୁଃସଗୀତ ଗାନ
ଏ ହୀନ ମଣିଷ ସତେ ଶିଖିଲାନି କିଛି
ବାୟସରେ ! ତୁ କେଡ଼େ ମହାନ

କଳାରଙ୍ଗେ ରଞ୍ଜିତ ତୋ ତନୁ
ହୃଦେ ବହେ ପ୍ରେମ ମନ୍ଦାକିନୀ
କରୁସିନା ଅମେଧ ତୁ ଗ୍ରାସ
ମନେ ତୋର ଶତ ସୁରଧୁନୀ

ତୋ ଆତ୍ମଜେ ରଖୁ ତୁହି ଅନ୍ୟ ବାସେନେଇ
ବଡ଼ ହେଲେ ଆସିବ ତୋ ପାଶ
ଅନ୍ତରାତ୍ମା ତୋର ସଦା ହୁଏ ବିଳପିତ
ବିହିଲେଖା କେ କରିବ କିସ

ପ୍ରତିଘନ୍ଦ ମୟ ଆବିଳତା ଏ ଜୀବନ
ମୋତେ ସଦା କରିଛି ଆହ୍ବନ
ଦିନେ ହେଲେ ମନେ କରି ନାହିଁ ଇଷ୍ଟ ଚିନ୍ତା
ତୁ ଯେ ସତେ ଅମୃତ ସନ୍ତାନ

ତୋର ଶିକ୍ଷା ହେଉ ମୋର ଜୀବନର ଦିକ୍ଷା
ତୋର ଭାଷା ହେଉ ମୋ ସଙ୍ଗୀତ
ତୋର ଚାଲି ହେଉ ମୋର ଚାଲିବାର ଠାଣି
ତୋ ସଙ୍ଗୀତ ମୋର ପ୍ରେମ ଗୀତ

ବାୟସରେ ତୁ କେତେ ମହାନ ସତେ ପକ୍ଷୀ ସମାଜରେ
ମୋତେ ଦିଏ ଏ ଅନନ୍ତ ଶିକ୍ଷା
ହେବି ଭଲ ଡରିବିନି ଜୀବନ ସଂଗ୍ରାମେ
ତୋର ଶିକ୍ଷା ସେଇ ମୋର ଦୀକ୍ଷା □ □ □

